sunday pioneer
BHUBANESWAR | SUNDAY | SEPTEMBER 29, 2013

# Eco-Savers Youth Network holds Green Consumer Day

PNS ■ BHUBANESWAR

In a bid to create awareness on purchase of only eco-friendly products, the Eco-Savers Youth Network, an initiative of the People's Cultural Centre (PECUC), observed the Green Consumer Day at the Institute of Media Studies here on Saturday.

The Green Consumer Day is the occasion to rethink on what one buys and the impact it has on environment. A Green Consumer is one who is very concerned about environment and, thus, purchases products that are environment-friendly, noted the Youth Network.

Buying recycled stuffs and local products, avoiding disposal items, using own cloth or paper bag for shopping, etc., can be done to be a Green Consumer. Products made from natural ingredients and without causing pollution are examples of eco-friendly products.

The occasion highlighted the problems of consumerism and its impact on environment.

PECUC executive director Anuradha Mohanty said that in tribal areas like Keonjhar, the youths are actively participating in creating awareness on safe environment. She called on the urban youth to engage them in such good work. This can be of a great help in protecting the environment, added Mohanty.

Among others, Eco-Savers Youth Network members Sailani Suman, Srujan Bhradwaj Pati, Sushant Kumar Sahoo and Archana Dash also spoke at the function.

SUNDAY TIMES OF INDIA, BHUBANESWAR *
SEPTEMBER 29, 2013

**Promoting eco-friendly products:** To create awareness about eco-friendly products, a Bhubaneswar-based voluntary organization People's Cultural Centre (Pecuc) observed the Green Consumer Day in Bhubaneswar on Saturday. "There is an urgent need to promote eco-friendly products. Use of plastic and polythene bags also must be banned," social activist Anuradha Mohanty said.

ସମ୍ବାଦ ଭୁବନେଶ୍ୱର
ରବିବାର,
୨୯ ସେପ୍ଟେମ୍ବର ୨୦୧୩

# ଇକୋସେଭର ୟୁଥ୍ ନେଟ୍‌ୱାର୍କ ଭୁବନେଶ୍ୱର ୟୁନିଟ୍ ପକ୍ଷରୁ 'ଗ୍ରୀନ୍ କନ୍‌ଜ୍ୟୁମର ଡେ' ପାଳନ

ଭୁବନେଶ୍ୱର, ୨୮।୯ (ବ୍ୟୁରୋ)- ପ୍ରତିବର୍ଷ ଲକ୍ଷ ଲକ୍ଷ ପରିମାଣରେ ବୃକ୍ଷ କଟା ହେଉଥିବା ବେଳେ ସେହି ଅନୁପାତରେ ବୃକ୍ଷ ରୋପଣ ହେଉନାହିଁ। ଦୈନନ୍ଦିନ ଜୀବନରେ ପଲିଥିନ ବହୁଳ ବ୍ୟବହାର ପ୍ରକୃତି ନଷ୍ଟ କରିଦେଉଛି କରିଦେଉଥିବା ବେଳେ କଳକାରଖାନାରୁ ବାହାରୁଥିବା ବିଷାକ୍ତ ଧୂଆଁ ବାୟୁମଣ୍ଡଳକୁ ଦୂଷିତ କରିବା ସହିତ ବହୁ ରୋଗର କାରଣ ହେଉଛି। ଆମ ପରିବେଶକୁ ରକ୍ଷା କରିବା ସହିତ ସବୁଜ ପରିବେଶ ସୃଷ୍ଟି କରିବା ପାଇଁ ବୃକ୍ଷରୋପଣ ସହିତ ଜନସଚେତନତାର ଆବଶ୍ୟକତା ରହିଛି। ଇନଷ୍ଟିଚ୍ୟୁଟ ଅଫ ମିଡିଆ ଷ୍ଟଡିଜ୍ ଏବଂ ରୋଟାରୀ ହେରିଟେଜ ଭୁବନେଶ୍ୱର ସହଯୋଗରେ ଇକୋସେଭର ୟୁଥ୍ ନେଟୱାର୍କ, ଭୁବନେଶ୍ୱର ୟୁନିଟ୍, ପିକକ୍ ପକ୍ଷରୁ 'ଗ୍ରୀନ କନଜ୍ୟୁମର ଡେ ପାଳନ' ହୋଇଯାଇଛି। ପ୍ରତିବର୍ଷ ସେପ୍ଟେମ୍ବର ୨୮ ରେ ପାଳିତ ହେଉଥିବା ଏହି ଦିବସ ଅବସରରେ ବହୁ ଛାତ୍ରଛାତ୍ରୀ ଓ ୟୁଥ୍ ନେଟୱାର୍କର ସଦସ୍ୟ ଯୋଗଦେଇ ଏହାର ଉଦ୍ଦେଶ୍ୟ ବିଷୟରେ ଆଲୋଚନା କରିଥିଲେ। ନେଟୱାର୍କର ସଦସ୍ୟା ସୁଶ୍ରୀ ଲୈଲାନୀ ସ୍ମୃତି, ସବୁଜ ପରିବେଶ କିପରି ସୃଷ୍ଟି କରିବା, ସବୁଜ ଗ୍ରାହକ ହେବା, କଳକାରଖାନା ବିଷାକ୍ତ ବାୟୁରୁ କୁ ପ୍ରଭାବ ଉପରେ ଆଲୋଚନା କରିଥିଲେ। ଏହି ନେଟୱାର୍କର ଅନ୍ୟ ଏକ ସଦସ୍ୟା [illegible] କରିଥିଲେ। ସବୁଜ ଗ୍ରାହକ ହେବାର ମାଧ୍ୟମ ଏବଂ କିପରି ଶକ୍ତି ସଂରକ୍ଷଣ କରି ଆମେ ବିଦ୍ୟୁତ ଉତ୍ପାଦନ କରିପାରିବା। ବର୍ଜ୍ୟବସ୍ତୁର ପୁନଃପରିଚାଳନା ବିଷୟରେ ମଧ୍ୟ ସେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁଶ୍ରୀ ସାଗରିକା ମହାନ୍ତି, ଅର୍ଚ୍ଚନା ଦାଶ, ସୁକାନ୍ତ କୁମାର ସାହୁ, ଆଦି ଇକୋସେଭର ୟୁଥ୍ ନେଟୱାର୍କର ସଦସ୍ୟମାନେ ନିଜର ମତପ୍ରକାଶ କରିଥିଲେ। ଏହି ଦିବସରେ ଯୁବକମାନେ ପଲିଥିନ ବ୍ୟବହାର ବନ୍ଦ କରିବା ସହିତ କିଚେନ ଗାର୍ଡେନ ସୃଷ୍ଟି କରିବା ପାଇଁ ଶପଥ ନେଇଥିଲେ। ବିଦ୍ୟୁତ ଓ ଜଳର ସଦବ୍ୟବହାର କରିବା ଏବଂ ବହୁ ପରିମାଣରେ ବୃକ୍ଷରୋପଣ କରିବେ। ପିକକର କାର୍ଯ୍ୟକାରୀ ନିର୍ଦ୍ଦେଶିକା ଅନୁରାଧା ମହାନ୍ତି, ଆଇଏମଏସର ନିର୍ଦ୍ଦେଶକ ଉପେନ୍ଦ୍ର ପାଢ଼ି ଆଇ.ଏମ.ଏସର ଜାତୀୟ ସେବା ସଂସ୍କୃତି କାର୍ଯ୍ୟକ୍ରମ ଅଧିକାରୀ ରଘୁନାଥ ମଣ୍ଡଳ ଏବଂ ପିକକର କାର୍ଯ୍ୟକ୍ରମ ସଂଯୋଜିକା ଜ୍ୟୋତିର୍ମୟୀ ମହାପାତ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇ ପରିବେଶ ସୁରକ୍ଷା ଉପରେ ସମସ୍ତଙ୍କୁ ପ୍ରେରଣା ଦେଇଥିଲେ।

ଓଡ଼ିଶା ଭାସ୍କର

ଭୁବନେଶ୍ୱର,ରବିବାର, ସେପ୍ଟେମ୍ବର ୨୯/୨୦୧୩

# ପରିବେଶର ସୁରକ୍ଷା ଉପରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ

ଭୁବନେଶ୍ୱର,(ଆ.ପ୍ର): ପ୍ରତିବର୍ଷ ଲକ୍ଷ ଲକ୍ଷ ପରିମାଣରେ ବୃକ୍ଷ କଟା ହେଉଛି କିନ୍ତୁ ସେହି ଅନୁପାତରେ ବୃକ୍ଷରୋପଣ ହେଉନାହିଁ। ଦୈନନ୍ଦିନ ଜୀବନରେ ପଲିଥିନ ଭଳି ବ୍ୟବହାର ପ୍ରକୃତିକୁ ନଷ୍ଟ କରିଦେଉଛି। କଳକାରଖାନାରୁ ନିର୍ଗତ ବିଷାକ୍ତ ଧୂଆଁ ବାୟୁମଣ୍ଡଳକୁ ଦୂଷିତ କରିବା ସହିତ ଅନେକ ପ୍ରକାର ରୋଗ ସୃଷ୍ଟି କରୁଛି। ଆମ ପରିବେଶକୁ ରକ୍ଷା କରିବା ସହିତ ସବୁଜ ପରିବେଶ ସୃଷ୍ଟି କରିବା ପାଇଁ ବୃକ୍ଷରୋପଣ ସହିତ ଜନସଚେତନତାର ଆବଶ୍ୟକତା ରହିଛି। ଏପରିକି ପରିବେଶର ସୁରକ୍ଷା ଆମ ସମସ୍ତଙ୍କର ପ୍ରଧାନ କର୍ତ୍ତବ୍ୟ ହେବା ଦରକାର ବୋଲି ବିଶିଷ୍ଟ ବକ୍ତାମାନେ ମତପୋଷଣ କରିଛନ୍ତି। 'ଗ୍ରୀନ୍ କନ୍‌ଜ୍ୟୁମର ଡେ' ପାଳନ ଅବସରରେ 'ଇକୋସେଭର ୟୁଥ୍ ନେଟୱାର୍କ', ଭୁବନେଶ୍ୱର ୟୁନିଟ୍, ପିଜନ୍ ଅନୁଷ୍ଠାନର ଏକ ଉଦ୍ୟମ ଓ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିଆ ଷ୍ଟଡିଜ୍ ଏବଂ ଟୋଟାଲି ଡେଲିଟେଡ୍, ଭୁବନେଶ୍ୱର ସହଯୋଗରେ ଏକ ସଚେତନତା କାର୍ଯ୍ୟକ୍ରମ ଆଇଏମ୍‌ଏସ୍ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରତିବର୍ଷ ସେପ୍ଟେମ୍ବର ୨୮ କୁ 'ଗ୍ରୀନ୍ କନ୍‌ଜ୍ୟୁମର ଡେ' ଭାବେ ପାଳନ କରାଯାଉଥାଏ। ଏହି ଦିନଟିର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ସବୁଜ ପରିବେଶ ବିଷୟରେ ଲୋକମାନଙ୍କୁ ସଚେତନ କରିବା ସହିତ ପରିବେଶ ଉପଯୋଗୀ ଦ୍ରବ୍ୟ ବ୍ୟବହାର କରିବା ଏବଂ ଏକ ସବୁଜ ଗ୍ରାହକ ଭାବେ ନିଜକୁ ଗଢି ତୋଳିବା। ବହୁ ଛାତ୍ରଛାତ୍ରୀ ଏବଂ ଇକୋସେଭର ୟୁଥ୍ ନେଟୱାର୍କ ଭୁବନେଶ୍ୱର ୟୁନିଟର ସଦସ୍ୟମାନେ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଦିବସଟିର ଉଦ୍ଦେଶ୍ୟ ବିଷୟରେ ଆଲୋଚନା କରିଥିଲେ। ଏହି ନେଟୱାର୍କର ସଦସ୍ୟା ସୁଶ୍ରୀ ଶୈଳଜା ସୁମନ, ସବୁଜ ପରିବେଶ କିପରି ସୃଷ୍ଟି କରିବା, ସବୁଜ ଗ୍ରାହକ ହେବା, କଳକାରଖାନାର ବିଷାକ୍ତ ବାଷ୍ପର କୁପ୍ରଭାବ ଇତ୍ୟାଦି ଉପରେ ଆଲୋଚନା କରିଥିଲେ। ଏହି ନେଟୱାର୍କର ଅନ୍ୟ ଏକ ସଦସ୍ୟ ସୁଜନ ଭରଦ୍ୱାଜ ପତି କହିଥିଲେ ସବୁଜ ଗ୍ରାହକ ହେବାର ମାଧ୍ୟମ ଏବଂ କିଭଳି ଭାବରେ ବର୍ଜ୍ୟବସ୍ତୁ ସଂରକ୍ଷଣ କରି ଆମେ ବିଦ୍ୟୁତ୍ ଉତ୍ପାଦନ କରିପାରିବା ବର୍ଜ୍ୟବସ୍ତୁର ପୁନଃପରିଚାଳନା ବିଷୟରେ ମଧ୍ୟ ସେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁଶ୍ରୀ ସାଗରିକା ମହାନ୍ତି, ଅର୍ଚ୍ଚନା ଦାଶ, ସୁଶାନ୍ତ କୁମାର ସାହୁ ଆଦି ଇକୋସେଭର ୟୁଥ୍ ନେଟୱାର୍କର ସଦସ୍ୟମାନେ ନିଜର ମତପ୍ରକାଶ କରିଥିଲେ। ଏହି ଦିବସରେ ଯୁବକମାନେ ଶପଥ ନେଇଥିଲେ ପଲିଥିନ୍ ବ୍ୟବହାର ବନ୍ଦ କରିବା ସହିତ କିଚେନ୍ ଗାର୍ଡେନ ସୃଷ୍ଟି କରିବା, ବିଦ୍ୟୁତ୍ ଓ ଜଳର ସଠିକ୍ ବ୍ୟବହାର କରିବା ଏବଂ ବହୁ ପରିମାଣରେ ବୃକ୍ଷରୋପଣ କରିବେ। ପିଜନର କାର୍ଯ୍ୟକାରୀ ନିର୍ଦ୍ଦେଶିକା ଅନୁରାଧା ମହାନ୍ତି, ଆଇଏମ୍‌ଏସ୍‌ର ନିର୍ଦ୍ଦେଶକ ଉପେନ୍ଦ୍ର ପାଢୀ, ଆଇଏମ୍‌ଏସ୍‌ର ଜାତୀୟ ସେବା ସଂସ୍ଥାର କାର୍ଯ୍ୟକ୍ରମ ଅଧିକାରୀ ରଘୁନାଥ ମଣ୍ଡଳ, ଗାୟତ୍ରୀ, ଆଇଏମ୍‌ଏସ୍‌ର ପାଠ୍ୟ ସଂଯୋଜିକା ଏବଂ ଜ୍ୟୋତିର୍ମୟୀ ମହାପାତ୍ର, ପିଜନର କାର୍ଯ୍ୟକ୍ରମ ସଂଯୋଜିକା ପ୍ରମୁଖ ମୁଖ୍ୟ ବକ୍ତାଭାବେ ଯୋଗଦେଇ ଯୁବକ ଯୁବତୀମାନଙ୍କୁ ପରିବେଶ ସୁରକ୍ଷା କରିବା ଦିଗରେ ପ୍ରେରଣା ଦେଇଥିଲେ। ପରିବେଶ ସୁରକ୍ଷା ସହିତ ଏକ ସବୁଜ ସୁନ୍ଦର ପରିବେଶ ସୃଷ୍ଟି କରିବା ଦିଗରେ ଗୁରୁତ୍ୱ ଦେଇଥିଲେ।

ସଂଚାର
ରବିବାର, ୨୯ ସେପ୍ଟେମ୍ବର ୨୦୧୩

### ଗ୍ରୀନ୍ କନ୍‌ଜ୍ୟୁମର୍ ଡେ଼ ପାଳନ ଉତ୍ସବ

# ପଲିଥିନ୍ ବର୍ଜନ କରିବା ପାଇଁ ଶପଥ

ସଂଚାର ମିଡିଆ, ଭୁବନେଶ୍ୱର, ୨୮।୯

ଗ୍ରୀନ୍ କନ୍‌ଜ୍ୟୁମର୍ ଡେ ପାଳନ ଅବସରରେ ଇକୋସେଭର ୟୁଥ୍ ନେଟୱାର୍କ, ଭୁବନେଶ୍ୱର ୟୁନିଟ୍, ପିକକ୍ , ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିଆ ଷ୍ଟଡିଜ୍ ଏବଂ ରୋଟାରି ହେରିଟେଜ୍, ଭୁବନେଶ୍ୱର ସହଯୋଗରେ ଏକ ସଚେତନତା କାର୍ଯ୍ୟକ୍ରମ ଆଇଏମ୍ଏସ୍ ପରିସରରେ ଅନୁଷ୍ଠିତ ହୋଇଯାଇଛି । ପ୍ରତିବର୍ଷ ସେପ୍ଟେମ୍ବର ୨୮ କୁ ଗ୍ରୀନ୍ କନ୍‌ଜ୍ୟୁମର୍ ଡେ ଭାବେ ପାଳନ କରାଯାଇଥାଏ। ଏହି ଦିବସର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ସବୁଜ ପରିବେଶ ବିଷୟରେ ଲୋକମାନଙ୍କୁ ସଚେତନ କରିବା ସହିତ ପରିବେଶ ଉପଯୋଗୀ ଦ୍ରବ୍ୟ ବ୍ୟବହାର କରିବା ଏବଂ ଏକ ସବୁଜ ଗ୍ରାହକ ଭାବେ ନିଜକୁ ଗଢି ତୋଳିବା । ବହୁ ଛାତ୍ରଛାତ୍ରୀ ଏବଂ ଇକୋସେଭର ୟୁଥ୍ ନେଟୱର୍କ ଭୁବନେଶ୍ୱର ୟୁନିଟର ସଦସ୍ୟ ମାନେ ଏହିକାର୍ଯ୍ୟକ୍ରମରେ ଯୋଗଦେଇ ଦିବସଟିର ଉଦ୍ଦେଶ୍ୟ ବିଷୟରେ ଆଲୋଚନା କରିଥିଲେ। ଏହି ନେଟୱାର୍କର ସଦସ୍ୟା ସୁଶ୍ରୀ ଶେଫାଳୀ ପ୍ରଧାନ, ସବୁଜ ପରିବେଶ କିପରି ସୃଷ୍ଟି କରିବା, ସୁଶ୍ରୀ ସାଗରିକା ମହାନ୍ତି, ଅର୍ଚ୍ଚନା ଦାଶ, ସୁଶାନ୍ତ କୁମାର ସାହୁ ଆଦି ଇକୋସେଭର ୟୁଥ୍ ନେଟୱାର୍କର ସଦସ୍ୟ ମାନେ ନିଜର ମତପ୍ରକାଶ କରିଥିଲେ। ଏହି ଦିବସରେ ଯୁବକ ମାନେ ଶପଥ ନେଇଥିଲେ ଯେ, ପଲିଥିନ୍ ବ୍ୟବହାର ବନ୍ଦ କରିବା ସହିତ କିଚେନ ଗାର୍ଡେନ୍ ସୃଷ୍ଟି କରିବା, ରିୟୁଜ୍ ଓ ରେକର ସହ ବ୍ୟବହାର କରିବା ଏବଂ ବହୁ ପରିମାଣରେ ବୃକ୍ଷରୋପଣ କରିବେ । ପିକକ୍‌ର କାର୍ଯ୍ୟକାରୀ ନିର୍ଦ୍ଦେଶିକା, ଅନୁରାଧା ମହାନ୍ତି, ଆଇଏମ୍ଏସ୍. ର ନିର୍ଦ୍ଦେଶକ, ଶ୍ରୀଯୁକ୍ତ ଉପେନ୍ଦ୍ର ପାଢ଼ି, ଆଇଏମ୍ଏସ୍. ର ଜାତୀୟ ସେବା ସଂସ୍ଥାର କାର୍ଯ୍ୟକ୍ରମ ଅଧିକାରୀ ରଘୁନାଥ ମଣ୍ଡଳ, ଶ୍ରୀମତି ଗାୟତ୍ରୀ, ଆଇଏମ୍ଏସ୍. ର ପାଠ୍ୟ ସଂଯୋଜିକା ଏବଂ ଜ୍ୟୋତିର୍ମୟୀ ମହାପାତ୍ର, ପରିବେଶ ସୁରକ୍ଷା ସହିତ ଏକ ସବୁଜ ସୁନ୍ଦର ପରିବେଶ ସୃଷ୍ଟି କରିବା ଦିଗରେ ଗୁରୁତ୍ୱ ପ୍ରଦାନ କରିଥିଲେ ।